# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ୮୨୩୨ ତା ୨୩-୦୨-୨୦୨୩ ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା୨୦.୦୨.୨୦୨୩ ରିଖ ସ୍ୱତନ୍ତ୍ର କର୍ପୋରେସନ ବୈଠକ (ଭୁବନେଶ୍ୱର ମହାନଗର ନିଗମର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଟିଠା ବଜେଟ୍ ଅନୁମୋଦନ ସମ୍ପର୍କରେ) ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା୨୦.୦୨.୨୦୨୩ ରିଖ ସ୍ୱତନ୍ତ୍ର କର୍ପୋରେସନ ବୈଠକ (ଭୁବନେଶ୍ୱର ମହାନଗର ନିଗମର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଟିଠା ବଜେଟ୍ ଉପସ୍ଥାପନ ସମ୍ପର୍କରେ) ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

[signature]
ସଚିବ
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ- ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୮୨୩୩ /ତା ୨୩-୦୨-୨୦୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡେ଼ପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

[signature]
ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୮୨୩୪ /ତା ୨୩-୦୨-୨୦୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

[signature]
ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୮୨୩୫ /ତା ୨୩-୦୨-୨୦୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍ ଓ ପରିମଳ)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍ ଓ ଲ୍ୟାଣ୍ଡ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି. (ପ୍ରତିଷ୍ଠାନ)/ ଡ଼ି.ସି (ଲିଗାଲ୍)/ ଜୋନାଲ୍ ଡେ଼ପୁଟି କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ/ ହିସାବ ରକ୍ଷକ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

[signature]
ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ
## ସ୍ୱତନ୍ତ୍ର ବୈଠକ ବିବରଣୀ
### ଭୁବନେଶ୍ୱର ମହାନଗର ନିଗମର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ଚିଠା ବଜେଟ୍ ଅନୁମୋଦନ

ତା.୨୦.୦୨.୨୦୨୩ ରିଖ * ସମୟ: ପୂର୍ବାହ୍ନ ଘ.୧୦.୦୦ ଟିକା * ସ୍ଥାନ :BMC-ICOMC ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା

***ସର୍ବଶ୍ରୀ/ଶ୍ରୀମତୀ:***

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମଞ୍ଜୁଲତା କହଁର | ଡେପୁଟି ମେୟର |
| ୩. | ମିହିର କୁମାର ରାଉତ | ୱାର୍ଡ଼ ନଂ-୦୧ |
| ୪. | ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୫. | ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ଼ ନଂ-୦୩ |
| ୬. | ମିନୁଶ୍ରୀ ଝୁଂଟିଆ | ୱାର୍ଡ ନଂ-୦୫ |
| ୭. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ଼ ନଂ-୦୬ |
| ୮. | ଯଶୋଧାରା ପ୍ରଧାନ | ୱାର୍ଡ଼ ନଂ-୦୭ |
| ୯. | ଲାଲ୍ ମୋହନ ଟୁଡୁ | ୱାର୍ଡ଼ ନଂ-୦୮ |
| ୧୦. | ସୁଷମା ସାହୁ | ୱାର୍ଡ ନଂ-୦୯ |
| ୧୧. | ସେକ୍ ନୁରହାସନ୍ | ୱାର୍ଡ ନଂ-୧୦ |
| ୧୨. | ପ୍ରଭାସିନି ମହାନ୍ତି | ୱାର୍ଡ଼ ନଂ-୧୧ |
| ୧୩. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୪. | ଇତିଶ୍ରୀ ଦାସ | ୱାର୍ଡ଼ ନଂ-୧୩ |
| ୧୫. | ପିଙ୍କି ସ୍ୱାଇଁ | ୱାର୍ଡ଼ ନଂ-୧୫ |
| ୧୬. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ଼ ନଂ-୧୬ |
| ୧୭. | ପୂଜା ମହାରଣା | ୱାର୍ଡ଼ ନଂ-୧୭ |
| ୧୮. | ବିପ୍ଳବ ବେହେରା | ୱାର୍ଡ଼ ନଂ-୧୮ |
| ୧୯. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୦. | ପ୍ରେମାନନ୍ଦ ଜେନା | ୱାର୍ଡ଼ ନଂ-୨୦ |
| ୨୧. | ପୂଜା ବେହେରା | ୱାର୍ଡ଼ ନଂ-୨୧ |
| ୨୨. | କିରଣବାଳା ମାଝୀ | ୱାର୍ଡ ନଂ-୨୩ |
| ୨୩. | ଦୀପକ କୁମାର ମିଶ୍ର | ୱାର୍ଡ଼ ନଂ-୨୪ |
| ୨୪. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୫. | ଭାରତୀ ସିଂ | ୱାର୍ଡ଼ ନଂ-୨୬ |
| ୨୬. | ଶୁଭାଂଶୁ ଶେଖର ପଟ୍ଟନାୟକ | ୱାର୍ଡ଼ ନଂ-୨୭ |
| ୨୭. | ଝରଣାରାଣୀ ପତି | ୱାର୍ଡ ନଂ-୨୮ |
| ୨୮. | ଅପରୂପ ନାରାୟଣ ରାଉତ | ୱାର୍ଡ଼ ନଂ-୨୯ |
| ୨୯. | ରାଜକିଶୋର ଦାସ | ୱାର୍ଡ଼ ନଂ-୩୦ |
| ୩୦. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ଼ ନଂ-୩୧ |
| ୩୧. | ଧରିତ୍ରୀ ଜେନା | ୱାର୍ଡ଼ ନଂ-୩୩ |
| ୩୨. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୩୩. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୪. | ଅଲିଅଳି ମଲିକ୍ | ୱାର୍ଡ଼ ନଂ-୩୬ |
| ୩୫. | ବନ୍ଦିତା ପାଲ୍ | ୱାର୍ଡ଼ ନଂ-୩୭ |
| ୩୬. | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ଼ ନଂ-୩୮ |
| ୩୭. | ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ |
| ୩୮. | ଅସିୟା ବେଗମ୍ | ୱାର୍ଡ ନଂ-୪୦ |
| ୩୯. | କବିତା ସ୍ୱାଇଁ | ୱାର୍ଡ ନଂ-୪୧ |
| ୪୦. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ଼ ନଂ-୪୨ |
| ୪୧. | ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ |
| ୪୨. | ଅଜିତ୍ ବେହେରା | ୱାର୍ଡ଼ ନଂ-୪୪ |
| ୪୩. | ଅମରେଶ ଜେନା | ୱାର୍ଡ଼ ନଂ-୪୫ |
| ୪୪. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୫. | ସମିତା ମହାନ୍ତି | ୱାର୍ଡ଼ ନଂ-୪୭ |
| ୪୬. | ସୁଚିତ୍ରା ପାତ୍ର | ୱାର୍ଡ ନଂ-୪୮ |
| ୪୭. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ଼ ନଂ-୪୯ |
| ୪୮. | ରାମଚନ୍ଦ୍ର ରଣସିଂହ | ୱାର୍ଡ ନଂ-୫୦ |
| ୪୯. | ବିନୟନୀ ଜେନା | ୱାର୍ଡ ନଂ-୫୧ |
| ୫୦. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୫୧. | ମହାମାୟା ସ୍ୱାଇଁ | ୱାର୍ଡ଼ ନଂ-୫୩ |
| ୫୨. | ଶିବ ପ୍ରସାଦ ବେହେରା | ୱାର୍ଡ଼ ନଂ-୫୪ |
| ୫୩. | ନୃପେଶ କୁମାର ନାୟକ | ୱାର୍ଡ଼ ନଂ-୫୫ |
| ୫୪. | କେ. ଶାନ୍ତି | ୱାର୍ଡ଼ ନଂ-୫୬ |
| ୫୫. | ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୬. | ନମିତା ମହାପାତ୍ର | ୱାର୍ଡ ନଂ-୫୮ |
| ୫୭. | ବିରଂଚି ନାରାୟଣ ମହାସୁପକାର | ୱାର୍ଡ଼ ନଂ-୫୯ |
| ୫୮. | ଚନ୍ଦ୍ରଶେଖର ମଲିଆ | ୱାର୍ଡ଼ ନଂ-୬୦ |
| ୫୯. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୬୦. | ଚାରୁଲତା ସାମନ୍ତରାୟ | ୱାର୍ଡ଼ ନଂ-୬୨ |
| ୬୧. | ସୁଜାତା ଛୋଟରାୟ | ୱାର୍ଡ ନଂ-୬୩ |
| ୬୨. | ସକିବା ମୁଶରତ୍ | ୱାର୍ଡ଼ ନଂ-୬୪ |
| ୬୩. | ରଶ୍ମି ରଞ୍ଜନ ପାଟଶାଣୀ | ୱାର୍ଡ ନଂ-୬୫ |
| ୬୪. | ଛବି ଦାଶ | ୱାର୍ଡ଼ ନଂ-୬୬ |
| ୬୫. | ମଧୁସ୍ମିତା ପ୍ରଧାନ | ୱାର୍ଡ଼ ନଂ-୬୭ |
| ୬୬. | ଶ୍ରୀ ସୁରେଶ କୁମାର ରାଉତରାୟ<br>ମାନ୍ୟବର ବିଧାୟକ "ଜଟଣୀ" | |
| ୬୭. | ଦାଶରଥି ଗରାଡ଼ୁ, ମାନ୍ୟବର ବିଧାୟକ, ଭୁବନେଶ୍ୱର "ଏକାମ୍ର" -ତଥା-ମନ୍ତ୍ରୀଙ୍କ ପ୍ରତିନିଧି | |
| ୬୮. | ମିଲନ୍ କୁମାର ପାଇକରାୟ<br>ମାନ୍ୟବର ବିଧାୟକ, ଭୁବନେଶ୍ୱର "ମଧ" ଙ୍କ ପ୍ରତିନିଧି | |

ଅଦ୍ୟ ତା ୨୦.୦୨.୨୦୨୩ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ BMC- ICOMC ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମର ପୂର୍ଣ୍ଣାଙ୍ଗ ବଜେଟ୍ ଉପରେ ଆଲୋଚନା ଓ ଅନୁମୋଦନ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଡେପୁଟି ମେୟର, କମିଶନର, ଅତିରିକ୍ତ କମିଶନର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ/ଚେୟାର୍‌ପର୍‌ସନ୍, କର୍ପୋରେଟର, ଅନ୍ୟାନ୍ୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ପରେ ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ **'ବନ୍ଦେ ଉତ୍କଳ ଜନନୀ'** ବନ୍ଦନା ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ନିଗମର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆୟ-ବ୍ୟୟ ଅଟକଳ ନିଗମର ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟିର ଚେୟାର୍‌ପର୍‌ସନ୍, ସଭ୍ୟ/ସଭ୍ୟା ଏବଂ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ ଚେୟାର୍‌ପର୍‌ସନ୍, ସଭ୍ୟ/ସଭ୍ୟା, ମୁଖ୍ୟ ବିତ ଅଧିକାରୀ, ଅତିରିକ୍ତ କମିଶନର, କମିଶନରଙ୍କ ପ୍ରଚେଷ୍ଟାରେ ଏକ ଭଲ ବଜେଟ୍ ପ୍ରସ୍ତୁତ ହୋଇଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ବଜେଟ୍ ବିଷୟରେ ଗୃହକୁ ଅବଗତ କରାଇବା ପାଇଁ ଫାଇନାନ୍ସ କମିଟିର ଚେୟାର୍‌ପର୍‌ସନ୍ ଙ୍କୁ ଅନୁରୋଧ କରିଥିଲେ ।

ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟିଙ୍କ ତା ୨୧.୦୧.୨୦୨୩ ରିଖ ବୈଠକ ନିର୍ଦ୍ଧାରଣ ସଂଖ୍ୟା-୧ ର ସୁପାରିଶ କ୍ରମେ ଭୁବନେଶ୍ୱର ମହାନଗର ନିଗମର ତା ୨୭.୦୧.୨୦୨୩ ରିଖରେ କର୍ପୋରେସନର ଏକ ସ୍ୱତନ୍ତ୍ର ବୈଠକରେ ଉପସ୍ଥାପନ କରାଯାଇଥିବା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଚିଠା ବଜେଟ୍ ଅନୁମୋଦନ ସଂକ୍ରାନ୍ତରେ ସଭାପତିଙ୍କ ଅନୁମତି କ୍ରମେ ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟିର ଚେୟାର୍‌ପର୍‌ସନ୍ ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ବଜେଟ୍ ଉପରେ ସମ୍ୟକ୍ ସୂଚନା ଦେବା ସହିତ କହିଥିଲେ ଯେ, ଏହା ଭୁବନେଶ୍ୱର ମହାନଗର ନିଗମର ନୂତନ କାର୍ଯ୍ୟାଳୟରେ ପ୍ରଥମ ବୈଠକରେ ପ୍ରଥମ ବଜେଟ୍ ଉପସ୍ଥାପନ କରିବା ପାଇଁ ସୁଯୋଗ ଦେଇଥିବାରୁ ମାନନୀୟା ମେୟର/ ଡ଼େପୁଟି ମେୟର, ସମସ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ ଚେୟାର୍‌ପର୍‌ସନ୍, କମିଟିର ସଭ୍ୟ/ସଭ୍ୟା, କର୍ପୋରେଟର, କମିଶନର, ଅତିରିକ୍ତ କମିଶନରଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଆପଣ ମାନଙ୍କର-ତଥା- ଅନ୍ୟାନ୍ୟ ମତାମତ ଓ ବିଭିନ୍ନ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ଗତ ତା ୨୭.୦୧.୨୦୨୩ ରିଖରେ ଉପସ୍ଥାପିତ ହୋଇଥିବା ଚିଠା ବଜେଟ୍‌ରେ କେତେକ ହେଡ୍‌ରେ ପରିବର୍ତନ କରାଯାଇ ତା'ର ଏକକିତା ଲେଖାଏଁ କପି ଆପଣଙ୍କ ଅବଗତି ନିମନ୍ତେ ଦିଆଯାଇଅଛି । ଆପଣମାନେ ଏହାକୁ ଦେଖି ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ ।

ବଜେଟ୍ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା । ଏହି ଆଲୋଚନାରେ ସର୍ବ ଶ୍ରୀ/ଶ୍ରୀମତୀ ନୃପେଶ କୁମାର ନାୟକ, ଅମରେଶ ଜେନା, ବିରଂଚି ନାରାୟଣ ମହାସୁପକାର, ଛବି ଦାଶ, ମହାମାୟା ସ୍ୱାଇଁ, ମାନସୀରାଣୀ ସୁନ୍ଦରାୟ, ମଧୁସ୍ମିତା ପ୍ରଧାନ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଭରତ କୁମାର ଲେଙ୍କା, ରାମଚନ୍ଦ୍ର ରଣସିଂହ, ଅପରୂପ ନାରାୟଣ ରାଉତ, ପୁଷ୍ପାଞ୍ଜଳୀ ସେଠୀ, ଅସିୟା ବେଗମ୍ ପ୍ରମୁଖ କର୍ପୋରେଟରମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନିଗମର ମୁଖ୍ୟ ବିତ ଅଧିକାରୀ ଆବଶ୍ୟକ ମତେ ସ୍ପଷ୍ଟିକରଣ ଦେବା ସଙ୍ଗେ ସଙ୍ଗେ ବଜେଟ୍‌ର ଆଭିମୁଖ୍ୟ ସମ୍ବନ୍ଧରେ ଗୃହକୁ ଅବଗତ କରାଇଥିଲେ ।

ନିଗମର ୨୦୨୩-୨୪ ଆର୍ଥିକ ବର୍ଷ ଆରମ୍ଭର ହାତଜମା (Opening Balance) ଟ୫,୧୨,୪୪,୩୦,୧୪୫/- (ପାଂଚ ଶହ ବାର କୋଟି ଚଉରାଳିଶି ଲକ୍ଷ ତିରିଶ ହଜାର ଏକ ଶହ ପଇଁଚାଳିଶି ଟଙ୍କା) ମାତ୍ର ସହିତ ନିଗମର ବିଭିନ୍ନ ସୂତ୍ରରୁ ଆୟ ବାବଦରେ ଟ ୭,୦୮,୫୩,୮୭,୪୦୭/- (ସାତ ଶହ ଆଠ କୋଟି ତେପନ ଲକ୍ଷ ଶତାଅଶୀ ହଜାର ଚାରି ଶହ ସାତ ଟଙ୍କା) ମାତ୍ର ଏପରି ମୋଟ ଟ ୧୨,୨୦,୯୮,୧୭,୫୫୨/- (ବାରଶହ କୋଡ଼ିଏ କୋଟି ଅଠାନବେ ଲକ୍ଷ ସତର ହଜାର ପାଂଚ ଶହ ବାଉନ ଟଙ୍କା) ମାତ୍ର ଏବଂ ବ୍ୟୟ ବାବଦରେ ଟ ୬,୯୦,୦୧,୯୭,୯୪୦/- (ଛଅ ଶହ ନବେ କୋଟି ଏକ ଲକ୍ଷ ସତାନବେ ହଜାର ନଅ ଶହ ଚାଳିଶି ଟଙ୍କା) ମାତ୍ର ବ୍ୟବସ୍ଥା କରାଯାଇ ବର୍ଷ ଶେଷରେ ଟ୫,୩୦,୯୬,୧୯,୬୧୨/- (ପାଂଚ ଶହ ତିରିଶ କୋଟି ଛୟାନବେ ଲକ୍ଷ ଉଣେଇଶି ହଜାର ଛଅ ଶହ ବାର ଟଙ୍କା) ମାତ୍ର ବଳକା (Closing Balance) ରହିବ ବୋଲି ବ୍ୟବସ୍ଥା ଥାଇ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମର ପୂର୍ଣ୍ଣାଙ୍ଗ ବଜେଟ୍ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ଉପସ୍ଥିତ ସଭ୍ୟ/ ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପର୍ବାହ୍ନ ଘ.୧୦.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୦.୦୨.୨୦୨୩ ରିଖ